Digitized by srujanika@gmail.com

ଟାଙ୍କ ନୂଆଘର

[୧୯୬୦ ମସିହାରେ କେନ୍ଦ୍ର ସରକାରରୁ
ଶିଶୁ ସାହିତ୍ୟ ପ୍ରତିଯୋଗିତାରେ
ପୁରସ୍କାରପ୍ରାପ୍ତ ପୁସ୍ତକ
୩ ରୁ ୭ ବର୍ଷର
ଶିଶୁଙ୍କ ପାଇଁ]

ଲେଖକ

ଶ୍ରୀ ଦୁର୍ଗା ପ୍ରସାଦ ପଟ୍ଟନାୟକ

ଅଧ୍ୟାପକ, ଚିତ୍ରକଳା, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ
ବାରାଣସୀ

Digitized by srujanika@gmail.com

ପ୍ରକାଶକ :—
ଉତ୍କଳ ବିଶ୍ୱବିଦ୍ୟାଳୟ
ବାଣୀବିହାର

ପ୍ରଥମ ସଂସ୍କରଣ
୧୯୬୫

ପ୍ରଚ୍ଛଦପଟ୍ଟ ଓ ଚିତ୍ର
ଦୁର୍ଗା ପ୍ରସାଦ ପଟ୍ଟନାୟକ

ମୁଦ୍ରାକର: —
ଶ୍ରୀ ଦିବାକର ମିଶ୍ର
ଗୋସ୍ୱାମୀ ପ୍ରେସ, କଟକ-୨

ମୂଲ୍ୟ—୫୦.୭୦

Digitized by srujanika@gmail.com

ଉତ୍ସର୍ଗ

ପୂଜ୍ୟ ଶ୍ରୀ ଗୋଦାବରୀଶ ମହାପାତ୍ର
(ଯାହାଙ୍କ ଲେଖା ମୋତେ ବହୁଦିନୁ
ପ୍ରଭାବିତ କରିଚି)
ଙ୍କ ହାତରେ

ଦୁର୍ଗା ପ୍ରସାଦ

Digitized by srujanika@gmail.com

ଟୁଆଁ ଆଉ ଟୁଇଁ । ନୂଆ ଘର ତୋଳି ଥାଆନ୍ତି । ରାତି ପାହେ । କାଉ ଆସି ଡାକେ—ଟୁଆଁ ଟୁଇଁ ଉଠିବ ନାଇଁ !

ବେଳ ହେଲଣି କେତେ !

ଟୁଆଁ କହେ ସତେ ! ଟୁଇଁ କହେ ସତେ ! ଦୁହେଁ ଯାକ ଉଠି ପଡ଼ନ୍ତି । ଚଢ଼େଇସବୁ ଉଡ଼ିଯାଉଥାନ୍ତି । ପଚାରନ୍ତି—

କେମନ୍ତ ଅଛ ଟୁଆଁ, ଲୋ ଟୁଇଁ ?

ଟୁଆଁ ଟୁଇଁ କହନ୍ତି—ଭଲ ଭଉଣୀ, ଭଲରେ ଭାଇ । ଦୁହେଁ ଯାକ ଲାଗି ପଡ଼ି କାମ ଛିଣ୍ଡାନ୍ତି ।

ଟୁଆଁ ଘର ଝାଡ଼ିଲେ ଟୁଇଁ ବାହାର ଝାଡ଼େ । ଟୁଆଁ ମାଟି ପାଣି ଦେଲେ ଟୁଇଁ ଘର ଲିପି ପୋଛି ଦିଏ । ସେଠଉ ଦୁହେଁ ଚାଲି ଯାଆନ୍ତି ବଣକୁ । ଫଳ ତୋଳନ୍ତି । ମୂଳ ଖୋଳନ୍ତି । ଖାଆନ୍ତି । ନଈରୁ ପାଣି ପିଅନ୍ତି ।

Digitized by srujanika@gmail.com

ଘରକୁ ଫେରନ୍ତି । ଖରାଦିନ ହୋଇ ଆସୁଥାଏ । ଝୁଆଁ ଝୁଇଁ ବାହାରେ ବସି ପବନ ଖାଉଥାଆନ୍ତି । ଜହ୍ନ ପଡ଼ୁଥାଏ । ବଉଳ ବାସନାରେ ଥାନ ମହକୁଥାଏ । ଝୁଆଁ କହିଲା ଝୁଇଁ ଗୋଟିଏ ଗୀତ ଗାଇଲୁ ।



ଝୁଇଁ ଗୀତ ଗାଇବ ବୋଲି ଆଁ ମେଲା କରିଚି, ବିଲୁଆ ଡାକ ଛାଡ଼ିଲା—ହୁସିଆର ହୋ ହୁସିଆର ।

ଝୁଇଁ ଚମକି ପଡ଼ିଲା । ଝୁଆଁ ପଚାରିଲା—ବିଲୁଆ ନନା ରେ କ'ଣ ହେଲା ?

ବିଲୁଆ କହିଲା—ମାମୁଁ ଆସୁଛି ଘରକୁ ପଳା । ଝୁଆଁ ଝୁଇଁ ଘର ଭିତରକୁ ପଶିଗଲେ । ଦୁଆର କିଳି ଦେଲେ । ସେଇନା ପାଖରେ ବାଘ ଗରଜନ ଶୁଭିଲା । ଏତିକିବେଳେ ଚାଳ ଉପରେ କିଏ ଗୋଟିଏ ନଥ୍ କରି ବସି ପଡ଼ିଲା ପରି ଲାଗିଲା । ଝୁଇଁ ଚାଳ ଆଡକୁ ଅନାଇ ଦେଇ ଡରରେ ଝୁଆଁକୁ ଜାବୁଡ଼ି ଧରିଲା ।

Digitized by srujanika@gmail.com

ଚୁଁଆଁ କହିଲା—ଚୁଇଁ ଡରୁଛୁ କାହିଁକି ? ଆମେ ପରା ଘର ଭିତରେ । ଚୁଇଁ ଚାଳ ଆଡ଼କୁ ହାତଠାରି କହିଲା—ଚୁଁଆଁ, ଦେଖ୍ ବାଘ ଅନେଇଛି । ଚୁଁଆଁ ଦେଖିଲା ଯେ କ'ଣ ଦିଟା ଜଳ ଜଳ ଦିଶୁଛି । କହିଲା—ହୋଇଥିଲେ ହୋଇଥିବ ବାଘ । ଦେଖାଯାଉ ।

ଏତିକିବେଳେ ପେଚାହସ ଶୁଭିଲା । ଚୁଇଁ କହିଲା—ଚୁଁଆଁ, ପେଚା ହସୁଛି । ଚୁଁଆଁ କାନେଇଲା । ବିଲୁଆ ଡାକ ଦୂରେଇ ଗଲାଣି । ବାଘ ହେଣ୍ଟାଳ ଜମା ଟିକିଏ ଟିକିଏ ଶୁଭୁଛି । ଚୁଁଆଁ ଝିଡ଼କି ଖୋଲି ପଚାରିଲା—କିରେ ପେଚା, କାହିଁକି ହସୁଛୁ ? ପେଚା କହିଲା—'ତୁମ ଘର ଦେଖି ।' ଚୁଁଆଁ ପଚାରିଲା—ଆମ ଘର କ'ଣ ହୋଇଛି କି ? ଚୁଇଁ କହିଲା—ତୁ ପରା କହୁଥିଲୁ ଆମ ଘରବଢ଼ିଆ ହୋଇଛି । ଫେର୍ କ'ଣ ହେଲା ? ବୁଢ଼ା, ମିଛୁଆ ପେଚା ! ପେଚା ଉଡ଼ିଗଲା । କହିଲା—"ପୁରୁଣା ଚାଳରେ ଫୁଟିଛି କଣା,

ବାଘ ଆଖି ବୋଲି ହୁଅନ୍ତି ବଣା ।"

ଚୁଁଆଁ ଚୁଇଁ ଯାଇ ଦେଖନ୍ତି ତ ସତକୁ ସତ ଚାଳରେ କଣା ହୋଇଛି । ବାହାରୁ ଜହ୍ନ ଆଲୁଅ ପଡ଼ୁଛି । ସେଇ ବାଘ ଆଖି ଭଳିଆ ଜଳ ଜଳ ଦିଶୁଛି । ଚୁଁଆଁ କହିଲା—'କାଲି ଘାସ ଆଣି ଛପର କରିଦେବା ।' ଦିହେଁ ଶୋଇ ପଡ଼ିଲେ ।

ଫେର ସକାଳ ହେଲା । କାଉ ଡାକିଲା । ଚୁଁଆଁ ଚୁଇଁ ଉଠିଲେ । ଚଢ଼େଇ ସବୁ ଉଡ଼ିଗଲେ । ପଚାରିଲେ—କେମିତି ଅଛ ଚୁଁଆଁ, ଲୋ ଚୁଇଁ ? ଚୁଁଆଁ ଚୁଇଁ କହିଲେ—ଭଲ ଭଉଣୀ ଭଲ ଟର ଭାଇ । ସେଠଉ ଦିହେଁ ଜଙ୍ଗଲକୁ ଚାଲିଗଲେ । ଫଳ ମୂଳ ଖାଇଲେ । ନଈକୁ ଗଲେ ପାଣି ପିଇବେ ବୋଲି । ଦେଖିଲେ, ସେଠେଇ ବଡ଼ ବଡ଼ ଘାସ ହୋଇଛି ।

Digitized by srujanika@gmail.com

ସେଥିରୁ ଗୋଛାଏ ଗୋଛାଏ ଛିଣ୍ଡାଇ ଘରକୁ ଆଣିଲେ । ତହିଁରେ ଘର ଛପର କଲେ ।

ଦିନେ ଝୁଆଁ ଝୁଇଁ ବାହାରେ ବସିଛନ୍ତି । ଭାରି ଗରମ ହେଉଛି । ଜହ୍ନ ପଡ଼ିଛି । ବଣ ମଲ୍ଲୀଫୁଲ ବାସନାରେ ଥାନ ମହକୁଛି । ଝୁଆଁ କହିଲା— ଝୁଇଁ ଗୋଟିଏ ଗୀତ ଗାଇଲୁ ।

ଝୁଇଁ ଗୀତ ଗାଇବ ବୋଲି ଆଁ ମେଲି କରିଛି ଏତିକିବେଳେ ବେଙ୍ଗୁଲୀ ହୁଳହୁଳି ପକାଇ ବସିଲା ।

ଝୁଆଁ ପଚାରିଲା—

'ହୁଳହୁଳି କିଆଁ ବେଙ୍ଗୁଲି ନାନୀ ?'



ବେଙ୍ଗୁଲୀ କହିଲା—

'ଆସୁଛି ଇନ୍ଦର ଡାଳବପାଣି ।'

ଅନଉ ଅନଉ ସୁ ସୁ ଗର୍ଜନ ଶୁଭିଲା । ଆସିଲା ପବନ । ଗଛ ପତର ଦୋହଲିବାକୁ ଲାଗିଲେ । ଜହ୍ନ ଛପିଗଲା । ବିଜୁଳି ଚକ୍ ଚକ୍ ମାରିଲା । ଚଡ଼ଚଡ଼ ଘଡ଼ଘଡ଼ କାନ ଅତଡ଼ା ପକାଇ ଦେଲା । ଭଡ଼ ଭଡ ହୋଇ ବରକୋଳିଆ ଟୋପାମାନ ପଡ଼ିଲା । ଝୁଆଁ ଝୁଇଁ ଘର ଭିତରକୁ ପଶିଗଲେ । କେତେ ବେଳକେ ମେଘ ଛାଡ଼ିଲା । ବେଙ୍ଗଙ୍କର ଗୀତ ନଅ କେତେ ନବ ! ଗୀତ ଶୁଣୁ ଶୁଣୁ ଝୁଆଁ ଝୁଇଁ ଶୋଇ ପଡ଼ିଲେ ।

Digitized by srujanika@gmail.com

ସକାଳୁ ନିଦ ଭାଙ୍ଗିଲା ବେଳକୁ ଦିନ ଦ'ଘଡ଼ି । ଟୁଆଁ ଟୁଇଁ କଥାବାର୍ତ୍ତା ହେଲେ, କଥା କ'ଣ ? କାଉ କାହିଁ ? ଚଢ଼େଇ କାହାନ୍ତି ? ଲାଗୁଚି ତାଙ୍କ ତାଙ୍କ ଚାଲି ଗଲେଣି । ଡର ଡର ହୋଇ ଦିହେଁ କାମ ଛିଣ୍ଡାଇ ଦେଲେ । ସେଠଉ ଜଙ୍ଗଲକୁ ଚାଲିଗଲେ । ବାଟରେ ଦେଖିଲେବେଳକୁ କେତେ ଗଛ ଉପୁଡ଼ି ପଡ଼ିଚି । କେତେ ଚଢ଼େଇ ବସା ଭାଙ୍ଗି ଯାଇଚି । ଏତିକିବେଳେ ଶୁଭିଲା—

ଟୁଆଁ ଟୁଇଁ, ଯାଉଛ କାହିଁ । ଟୁଆଁ ଟୁଇଁ ଦେଖିଲେ ବେଳକୁ କାଉ । ଟୁଆଁ ପଚାରିଲା—'କାହିଁରେ କାଉ କୁଆଡ଼େ ଯାଉ,
ଶୁଖିଚି ମୁହଁ ଆଜି ।'

କାଉ କହିଲା—'ଆଣିବି କାଠ ତୋଳିବି ମୋର
ଘର ଯାଇଚି ଭାଜି ।'

ଟୁଆଁ ଟୁଇଁ କହିଲେ—ଚାଲ୍ ଆମେ କାଠ ଦବୁ ତୁ ଘର ତୋଳିବୁ । କାଉ ହଁ କଲା । ଟୁଆଁ ଟୁଇଁ କାଠ ଦେଲେ, କାଉ ଘର



ତୋଳିଲା । ଆଉ କେତେ ଚଢ଼େଇ ଆସିଲେ । ଟୁଆଁ ଟୁଇଁ ସଭିଙ୍କି କାଠ ଦେଲେ । ସେଠଉ ଗଲେ ଜଙ୍ଗଲକୁ । ଫଳ ମୂଳ ଖାଇଲେ, ପାଣି ପିଇଲେ । ସାଙ୍ଗରେ ଫଳ, ଗଛ ମୂଳ ଗଛ ଆଣି ଘରକୁ ଆସିଲେ । ସଞ୍ଜବେଳ ।

Digitized by srujanika@gmail.com

ଜହ୍ନ ପଡ଼ୁଥାଏ । ଦହେଁ ବୁଲି ବୁଲି କୋଉଠି କି ଗଛ ଲଗାଇବେ ଠିକ୍ କଲେ । ଟୁଇଁ କହିଲା—ମୁଁ ଦୁଆର ମୁହଁରେ ଖାଲି ଫୁଲ ଗଛ ଲଗାଇବି । ଟୁଆଁ କହିଲା—ମୁଁ ଘର ପଛରେ ଖାଲି ଫଳ ଗଛ ଲଗେଇବି । ସବୁ ଠିକ୍ ହେଲା । ସୁଲୁସୁଲୁ ପବନ ବହୁଥାଏ । ଫୁଲ ବାସନାରେ ଥାନ ମହକୁ ଥାଏ । ଟୁଆଁ କହିଲା—

ଟୁଇଁ ଗୋଟିଏ ଗୀତ ଗାଇଲୁ ।

ଟୁଇଁ ଗୀତ ଗାଇବ ବୋଲି ଆଁ ମେଲା କରିଚି, କିଏ ଡାକିଲା——

ଆସ ଟୁଆଁରେ ମଲି ।
ଉଠ ଟୁଇଁ ଲୋ ମଲି ।

କିଏ କୁଆଡ଼ୁ ଏତେ ବିକଳରେ ଡାକୁଚି ବୋଲି ଟୁଆଁ ଟୁଇଁ କାନେଇଲେ ।



ଟୁଇଁ କହିଲା—ଏତ ବେଙ୍ଗୁଲୀ ନାନୀ ପାଟି । ଯାଇ ଦେଖିଲା-ବେଳକୁ ବେଙ୍ଗୁଲୀ ନାନୀକୁ ସାପ ଧରିଚି । ଟୁଆଁ ଟୁଇଁ ସାପକୁ ତଡ଼ି ଦେଲେ । ବେଙ୍ଗୁଲୀ ନାନୀ ଛୋଟେଇ ଛୋଟେଇ ଗାତକୁ ଗଲା । କହିଲା—

Digitized by srujanika@gmail.com

ଟୁଆଁ ଟୁଇଁ ଲୋ କର୍ ର୍
ନାଗ ତମ୍ପ ଏଠି କଲେଣି ଘର୍ ର୍ ।

ଟୁଇଁ କହିଲା—ଟୁଆଁ କ'ଣ କରିବା ? ଏଠେଇ କେମିତି ରହିବା ?

ଟୁଆଁ କହିଲା—ଟୁଇଁ, ଚାଲ ଘର ଭାଙ୍ଗି ପକେଇବା । ଏତିକିବେଳେ ଆସିଲା ପେଚା । ଚାଳ ଉପରେ ବସି ହସିଲା । ଟୁଆଁ ପଚାରିଲା—କିରେ ପେଚା, କାହିଁକି ହସୁଚୁ ? ପେଚା କହିଲା—ତମ ବାହାର ଦେଖି ।

ଟୁଆଁ କହିଲା—କାହିଁକି କ'ଣ ହେଲା କି ?

ଟୁଇଁ କହିଲା—ଆମେ ସାପ କାମୁଡ଼ାରେ ମରିବୁ । ତୁ ବୁଢ଼ା ହେବୁ । ଯାଃ ପଳା । ପେଚା ହସି ହସି ଉଡ଼ିଗଲା । କହିଲା—
ନାହିଁ ଟିକେ ବୁଦ୍ଧି, ନାହିଁ ବାହାର,
ଭାଙ୍ଗି ପକାଇବେ ଘର ଦୁଆର ।

ଟୁଇଁ ତ ଶୋଇପଡ଼ିଲା । ଟୁଆଁକୁ ନିଦ ନାହିଁ । ସାପ କଥା ଭାବୁଚି । ଏତିକିବେଳେ ପେଚା ପିଲାଏ ପଚାରିଲେ—କିରେ ବୁଢ଼ା, ଟୁଆଁ ଟୁଇଁଙ୍କ ଖବର କ'ଣ ?

ପେଚା କହିଲା—ସାପ କାମୁଡ଼ିବେ, ଟୁଆଁ ଟୁଇଁ ମରିଯିବେ ।

ପେଚା ପିଲାଏ ପଚାରିଲେ—କ'ଣ କଲେ ସାପ କାମୁଡ଼ନ୍ତେ ନାହିଁ ?

ପେଚା କହିଲା—'ଆସନ୍ତା ମୟୂର ଛାଡ଼ନ୍ତା ରଡ଼,
ସାପ ଯାକ ଏଠୁ ପଳାନ୍ତେ ଛାଡ଼ ।'

Digitized by srujanika@gmail.com

ଟୁଆଁ ଶୁଣିଲା । ତାକୁ ନିଦ ହୋଇଗଲା । ସକାଳ ହେଲା । କାଉ ଆସି ଡାକିଲା । ଟୁଆଁ ଟୁଇଁ ଉଠିଲେ । ଚଢ଼େଇ ସବୁ ଉଡ଼ି ଯାଉଥିଲେ, ପଚାରିଲେ—

କେମିତି ଅଛ ଟୁଆଁ, ଲୋ ଟୁଇଁ ?

ଟୁଆଁ ଟୁଇଁ କହିଲେ—ଶୁଣ ଭଉଣୀ, ଶୁଣରେ ଭାଇ ।
ଚଢ଼େଇ ସବୁ ଆସିଲେ । ଟୁଆଁ ଟୁଇଁ ପଚାରିଲେ—ଆଚ୍ଛା, ମୟୂର କେଉଁଠି ରହେ, କହିଲ ? ଚଢ଼େଇମାନେ କହିଲେ—

କେଁ କାଁ ଚେଁ ଚାଁ
ଉଠେ ଯେଉଁ ଆଡ଼ୁ ସୁରୁଜ ଗୁହାଁ ।
ସେଇଆଡ଼େ ଯିବୁ ନାକ ସଳଖା
କଇଁ ପୋଖରୀଟି ହେବ ତା ଦେଖା ।

ଟୁଆଁ ଟୁଇଁ କାମ ଛୁଣ୍ଡାଇ ଦେଲେ । ସେଠଉ ବାହାରିଲେ ମୟୂରକୁ ଖୋଜି । ଯାଉ ଯାଉ ବାଟରେ ଦେଖିଲେ ଗୁଣ୍ଡୁଚି ମୂଷାକୁ ।

ଟୁଆଁ ପଚାରିଲା—ପଟାଏ କଳାକୁ, ପଟାଏ ଧଳା
ଗୁଣ୍ଡୁଚି ଗୁଣ୍ଡୁଚି କୁଆଡ଼େ ପଳା ?

ଗୁଣ୍ଡୁଚି ଟିକିଏ ଅନେଇଲା । ଫେର୍ ନାଞ୍ଜ ଟେକି ଧାଇଁଲା । ଟୁଇଁ କହିଲା—ଏମିତି କହିଲେ ସିଏ ଶୁଣିବ ? ଦେଖ୍, ମୁଁ ଡାକୁଚି । କହିଲା—

ଗୁଣ୍ଡୁଚି ନାନୀ ଲୋ ବଣ ସୁନ୍ଦରୀ,
ଯାଉ ପିନ୍ଧି କାହିଁ ଡୋରିଆ ଶାଢ଼ୀ ।
କହ କେତେ ବାଟ କଇଁ ପୋଖରୀ ?
ନାନୀଟା ପରା, ସୁନାଟା ପରା ।

Digitized by srujanika@gmail.com

ଗୁଣ୍ଡୁଚ ଅଟକି ଗଲା । କହିଲା —

କଇଁ ପୋଖରୀଟି ମୋ ବାପ ଘର
ଏଠଉ ସେଠିକି ବହୁତ ଦୂର ।
ଆଗକୁ ଯା ଆଗକୁ ଯା ।

ଝୁଆଁ ଝୁଇଁ ଆଗକୁ ଚାଲିଗଲେ । ଯାଉ ଯାଉ ଦେଖିଲେ ଯେ, ଠେକୁଆ ଯାଉଚି ।

ଝୁଆଁ କହିଲା—ଠିଆ ଠିଆ କାନ ଠକ ଠକିଆ,
କୁଆଡେ଼ ଧାଉଁଚୁ ଆରେ ଠେକୁଆ ?

Digitized by srujanika@gmail.com

ଠେକୁଆ ଟିକିଏ ଅନେଇଲା । ଫେର୍ ମୁହଁ ବୁଲାଇ ଦେଲା ।

ଝୁଇଁ କହିଲା—ଏମିତି ଡାକିଲେ ସେ ରହିବ ? ରହ ମୁଁ ଡାକୁଛି । କହିଲା—ଠେକୁଆ ଭାଇ ମୋ ଡିଅଇଁ ଭାରି,



ଡିଆଁରେ ତା ସାଙ୍ଗେ କେ ହେବ ସରି ?
କହ କେତେ ବାଟ କଇଁ ପୋଖରୀ
ଭାଇଟା ପରି, ସୁନାଟା ପରି ।

ଏ କଥା ଶୁଣି ଠେକୁଆ ରହିଲା । କହିଲା—

କଇଁ ପୋଖରୀଠି ମୋ ମାମୁଁ ଘର;
ନୁହଇ ପାଖ କି ନୁହଇ ଦୂର ।
ଆଗକୁ ଯା, ଆଗକୁ ଯା ।

Digitized by srujanika@gmail.com

ଟୁଆଁ ଟୁଇଁ ଆଗକୁ ଚାଲିଲେ । ଫେର୍ କେତେ ବାଟ ଯାଇଛନ୍ତି, ଦେଖିଲେ, ନେଉଳ ଯାଉଛି ।

ଟୁଆଁ କହିଲା—ଦେଖି ନେଉଳକୁ ପଚାରିବା । ପଚାରିଲା—

ନେଉଳ ନେଉଳ ଗୋଜିଆ ମୁହାଁ
ମୁହଁ ପୋତି ପୋତି କୁଆଡ଼େ ଧାଆଁ ?

ନେଉଳ ଟିକଏ ଅନାଇଲା । ସେଠଉ ତା ବାଟରେ ସେ ଚାଲିଲା ।

ଟୁଇଁ କହିଲା—ହେଉ, ଏମିତି ଡାକିଲେ ସେ ଆସିବ ? ଦେଖ୍ ମୁଁ ଡାକୁଛି । କହିଲା—

ଛୋଟ ଛୋଟ ପାଦ
ଚଞ୍ଚଳ ଚାଲି
ଆରେ ସାନ ଭାଇ
ନେଉଳ ମୋର
କହ କେତେ ବାଟ
କଇଁ ପୋଖରୀ ।
ଭାଇଟା ପରା, ସୁନାଟା ପରା ।

ନେଉଳ ରହିଲା । କହିଲା—କଇଁ ପୋଖରୀ ମୋ ମଉସା ଘର
ହେଲା ପାଖ ଦେଖ, ଉଡ଼ନ୍ତି ଚଲ ।
ଆଗକୁ ଯା, ଆଗକୁ ଯା ।

Digitized by srujanika@gmail.com

ଟୁଆଁ ଟୁଇଁ ଅନେଇଲେ । ଦେଖିଲେ ଯେ, ସତକୁ ସତ ଚଲ ଉଡ଼ୁଛନ୍ତି । ସେଠଉ ଆଗେଇ ଗଲେ । ଅଳପ ବାଟ ଯାଇଛନ୍ତି, କଇଁ ପୋଖରୀ ପଡ଼ିଲା । ତା ହୁଡ଼ା ଚାରିପଟେ ଖାଲି କଦଳୀ ଗଛ ଭରି । କଦଳୀ ଫଳିଚି ଯେ ଗଛ ଭାଙ୍ଗୁଚି । ଟୁଇଁ ସେତେବେଳକୁ ଭୋକରେ ଆଉଟୁ ପାଉଟୁ ହେଲାଣି ।



ଟୁଆଁ କହିଲା—ଟୁଇଁ ! ମୁଁ ଯାଏ, ଦିଟା କଦଳୀ ଆଣେ । ଯାଇ କଦଳୀ କାନ୍ଦିକି ହାତ ବଢ଼େଇଚି, କିଏ ଡାକିଲା—ଏଃ, ଏଃ, ଏଃ । ଟୁଆଁ ଟୁଇଁ ଚାରିଆଡ଼କୁ ଅନାଇଲେ । କେହି ନାହିଁ । ଫେର୍ ଟୁଆଁ କଦଳୀକୁ ହାତ ବଢ଼ଉଚି, ଫେର୍ ସେମିତି ଶୁଭିଲା—ଏ, ଏ, କିଏ, କିଏ ? ଟୁଆଁ ଡରିଗଲା । କହିଲା—ଆମେ ଟୁଆଁ ଟୁଇଁ ।

ଏଥର ହସ ଶୁଭିଲା—ହେଃ-ହେଃ-ହେଃ-ହେଃ, ଟୁଆଁ ଟୁଇଁ, ଟୁଆଁ ଟୁଇଁ ।

ଟୁଆଁ ଟୁଇଁ ଏଣେତେଣେ ଅନେଇଲେ । ଦେଖିଲେ, ଶୁଆ ଭଳିଆ ଗୋଟାଏ ଚଢ଼େଇ । ହେଲେ ଶୁଆଠୁ ବଡ଼ ହେବ, ଗୋଟିଏ କଦଳୀ କାନ୍ଦି ଉପରେ ବସିଛି । ମୁଣ୍ଡର ଚୂଳକୁ ଖୋଲୁଚି, ବୁଜୁଚି

Digitized by srujanika@gmail.com

ଆଉ ଖୋଲୁଚି ବୁଜୁଚି ହସି ହସି କହୁଚି—କେଁ କେଁ କେଁ କାଁ
ଟୁଆଁ ଟୁଇଁ, ଟୁଇଁ ଟୁଆଁ ।

ଟୁଆଁ ପଚାରିଲା—ତୁ କିଏ ?
ଚଢେ଼ଇ କହିଲା—କେଁ କେଁ କେଁ କାଁ
ମୋ ନାଁ କାକତୁଆ ।

ଟୁଆଁ ପଚାରିଲା—ମୟୂର କେଉଁଠି ଅଛି ଦେଖିଚୁ ?
କାକତୁଆ କହିଲା—କିଏ ? ନାଚୁଆ ? ହଉ ମୁଁ ଡାକ ଦଉଚି । କହି ଡାକିଲା—କେ-କା, କେ-କା, କେ-କା ।

ସେଆଡୁ଼ ଶୁଭିଲା—କାକ୍‌କା-କାକ୍‌କା-କାକ୍‌କା । ଦେଖୁ ଦେଖୁ ଫଡ଼ ଫଡ଼ ହୋଇ ଉଡ଼ି ଆସିଲା ମୟୂର । କାକତୁଆ କହିଲା କେ-କା, ଏଇ ଦେଖ ଛୋଟେ ଟୁଆଁ ଟୁଇଁ ଖୋଜୁଛନ୍ତି ।

ମୟୂର କହିଲା—ଟୁଆଁ ଟୁଇଁ କ'ଣ କହୁଚ ଟିକେ କହ । ସିଆଡେ଼ ମୋ ନାଚ ବିଗିଡି ଯାଉଚି । ଦେଖୁଚ—କେମିତି କଳାହାଣ୍ଡିଆ ମେଘ ଉଠେଇ ଆସୁଚି ।

ଟୁଆଁ କହିଲା—କେକାରେ କେକା ଲମ୍ବଡ଼ା କେକା
ଘର କଲୁ ଆମେ ଢିପରେ
କେମିତି ରହିବୁ ମାଡୁଚି ଡ଼ର
ଢିପ ଭରିଲାଣି ସାପରେ ।

ମୟୂର ଟୁଆଁ କଥାରେ ଚିଡ଼ିଗଲା । କହିଲା—ମୁଁ କ'ଣ କରିବି ?
ଏତିକିବେଳେ ଟୁଇଁ କହିଲା—ନାଚୁଆ ରଜା ହେ ମନ୍ତର ପଢ଼ି
ବାଅ ଘର ପାଖୁ ସାପଙ୍କୁ ତଡ଼ି ।

Digitized by srujanika@gmail.com

ନଇଲେ ମଲୁ, ନଇଲେ ମଲୁ ।

ମୟୂର ଟୁଇଁ କଥାରେ ଭାରି ଖୁସି ହୋଇଗଲା । କହିଲା—



ପଢ଼ିବ ମନ୍ତ୍ର ଶୁଣିବ ସାପ
କହି ପଳାଇବେ ବାପରେ ବାପ ।
କାଲି ଯିବ—ତୁମେ ଘରକୁ ଯା, ଘରକୁ ଯା ।

ଏତିକି କହି ମୟୂର ଫଡ଼ ଫଡ଼ ହୋଇ ଉଡ଼ିଗଲା ।

କାକତୁଆ କହିଲା—ଟୁଆଁ ଟୁଇଁ ଟୁଇଁ ଟୁଆଁ
ଖାଇବ କଦଳୀ ନିଅ ଖାଆ ।

ଏକଥା କହି ଫେଣାଏ କଦଳୀ ଥଣ୍ଟରେ କାଟିଦେଲା । ଟୁଆଁ ଟୁଇଁ କଦଳୀ ଖାଇଲେ । ଆସିଲାବେଳକୁ ଟୁଆଁ କହିଲା—

Digitized by srujanika@gmail.com

କାକା ରେ କାକା ଅଣ୍ଟ ତୋ ବଙ୍କା
ପକେଇବୁ ମନେ ଯିବ ସେ କେକା ।

ଝୁଇଁ କହିଲା—ଏମିତି କ'ଣ କହୁଚୁ ? ସେ ଚଢ଼ିଯିବ । ସେଠିଉ ସେ କହିଲା- ଅଣ୍ଟ ସୁନ୍ଦରକୁ ମୁଣ୍ଡରେ ଚୂଳ
କାକତୁଆ ଭାଇ ଥା' ଜୁହାର ।
ହାତ ଯୋଡ଼ି କରି କହୁଚି ଏତେ
କେକା ଯିବା କଥା ଲାଗିଲା ତୋତେ ।

କାକତୁଆ କହିଲା—କେଁ କାଁ କେଁ କାଁ
ହଉ ହଉ ଝୁଇଁ ଝୁଆଁ ।

ଝୁଆଁ ଝୁଇଁ ଚାଲି ଆସିଲେ । ବଡ଼ସକାଳୁ ମୟୂର ପାଟି ଶୁଭିଲା । ଝୁଆଁ ଝୁଇଁ ଉଠି ପଡ଼ିଲେ । ମୟୂରକୁ ଫଳ ଖାଇବାକୁ ଦେଲେ ।

ମୟୂର କହିଲା—ମୁଁ ଏମିତି ଆସି ମଝିରେ ମଝିରେ ବୁଲି ଯାଉଥିବି । ମନ୍ତର ପଢ଼ି ଯାଉଥିବି ।

ମୟୂର ଚାଲିଗଲା– କାଉ ଆସିଲା, ଡାକ ଦେଇଗଲା । ଚଢ଼େଇ-ମାନେ ପଚାରି ଦେଇଚଲେ—କେମିତି ଅଛ ଝୁଆଁ ଲୋ ଝୁଇଁ ?

ଝୁଆଁ ଝୁଇଁ କହିଲେ—ଭଲ ଭଉଣୀ, ଭଲରେ ଭାଇ ।

ସେଠିଉ ସେମାନେ ଲାଗିଗଲେ କାମରେ । ଘର ଚାଳିପଟ ସଫା କରୁଛନ୍ତି, ଦେଖିଲେ ଯେ ଘରକୁ ଲାଗି ଏଡ଼େ ଗାତ । କିଏ ଖୋଳିଲା ଏ ଗାତ ? ଦହେଁଯାକ ଲାଗିପଡ଼ି ପୋତିଦେଲେ । ଜଙ୍ଗଲକୁ ଗଲେ । ଫୁଲ ଫଳ ଗଛ ଆଣିଲେ । ତା ତହିଁଆରଦିନ ସେମିତି ଗଛ ଲଗାଇବାକୁ ଗଲାବେଳକୁ ଦେଖନ୍ତି ତ ଫେର୍ କିଏ ଖୋଳି ଗାତ କରି ପକେଇଚି ।

Digitized by srujanika@gmail.com

ଟୁଇଁ ପାଟିକରି ଉଠିଲା—ଆରେ ଆମ କଦଳୀ ଗଛ କିଏ ଉପାଡ଼ି ଦେଇଛି ? ସବୁ ଫେର୍ ଠିକ୍ ଠାକ୍ କଲେ ।

ସଞ୍ଜ ହୋଇଛି, ଜହ୍ନ ପଡ଼ିଛି । ମାଳତୀ ଫୁଲ ବାସନାରେ ଆଜି ମହକୁଛି । ଟୁଇଁ କହିଲା—ଟୁଆଁ, ଆଜି ଏଠି ରହି ହେବ ନାହିଁ । ଆମ ଘର କିଏ ଭାଙ୍ଗି ଦେବ ବୋଲି ବସିଛି । ଆମ ଗଛ ଉପାଡ଼ି ଦେଉଛି । ଚାଲ, ଏଠାଛାଡ଼ି ପଳାଇବା ।

ଟୁଆଁ କହିଲା ହଉ ପଳାଇବା । ତେବେ ତୁ ଏଇନା ଗୋଟିଏ ଗୀତ ଗା' । ଟୁଇଁ ଗୀତ ଗାଇବ ବୋଲି ଆଁ ମେଲା କରିଛି, ଆସିଲା ପେଚା । ଚାଳ ଉପରେ ବସି ହସିଲା ।

ଟୁଆଁ ପଚାରିଲା—କିରେ ପେଚା କାହିଁକି ହସୁଚୁ ?
ପେଚା କହିଲା—ତମ ବଚର ଶୁଣି ।
ଟୁଆଁ ପଚାରିଲା—କାହିଁକି, କ'ଣ ହେଲା କି ?
ଟୁଇଁ ରାଗିକରି କହିଲା—ଆମେ ମରୁଚୁ ନା; ବୁଢ଼ା ପେଚା ହସୁଛି ।
ଯା ଭାଗ୍
ପେଚା ଉଡ଼ିଗଲା—କହିଲା—ଘର ଚାରିପଟେ କରିଛ ମେଲା
ଭାଲୁ ବାର୍‌ହା ନାଚ କରନ୍ତି ପାଳି ।

ଟୁଇଁ ଶୋଇ ପଡ଼ିଲା । ଟୁଆଁକୁ ନିଦ ନାହିଁ । ଭାବି ଭାବି ଠିକ୍ କଲା ଯେ, ଘର ଚାରିପଟେ ପାଚିରି ଘେରେଇ ଦେବ । ହେଲେ ଭାଲୁ ବାର୍‌ହାଙ୍କୁ କରିବ କ'ଣ ? ଏତିକିବେଳେ ପେଚା ପିଲା ପଚାରିଲେ—ହଇରେ ବୁଢ଼ା, ଖବର କ'ଣ ?

Digitized by srujanika@gmail.com

ପେଚା କହିଲା—ଝୁଆଁ ଝୁଇଁ ଘର ଭାଙ୍ଗି ପଳାଇବେ ।
ପେଚା ପିଲା ପଚାରିଲେ—କାହିଁକି ?
ପେଚା କହିଲା—ଭାଲୁ ବାର୍‌ହା ତାଙ୍କୁ ହଇରାଣ କରୁଛନ୍ତି ।
ପିଲାଏ ପଚାରିଲେ—ଆଚ୍ଛା ବୁଢ଼ା, କେମିତି ଭାଲୁ, ବାର୍‌ହା ଯିବେ ?



ପେଚା କହିଲା—ଆସନ୍ତା କୁକୁର ଜଗନ୍ତା ଘର
ଭାଲୁ ବାର୍‌ହା ପାଇଁ ନ ଥାନ୍ତା ଡର ।
ଝୁଆଁ ଶୁଣିଲା—ତାକୁ ନିଦ ଆସିଲା ।

ସକାଳ ହେଲା । କାଉ ଆସି ଡାକିଲା । ଚଢ଼େଇ ସବୁ ଉଡ଼ିଯାଉଥିଲେ ।
ପଚାରିଲେ—କେମିତି ଅଛ ଝୁଆଁ ଲୋ ଝୁଇଁ ?

ଝୁଆଁ ଝୁଇଁ କହିଲେ—ଶୁଣ ଭଉଣୀ ଶଣରେ ଭାଇ ।
ଚଢ଼େଇମାନେ ଆସିଲେ । ଝୁଆଁ ପଚାରିଲା—ଆଚ୍ଛା, କୁକୁର କେଉଁଠି
ଅଛି କହି ପାରିବ ?

Digitized by srujanika@gmail.com

ଚଢେଇମାନେ କହିଲେ—

କେଁ କାଁ ଚେଁ ଚୁଁ—ଜାଣିଚୁ ଜାଣିଚୁ ହାଁ ହାଁ
ଜଙ୍ଗଲ ମଝିରେ ହାଡ଼ ଗାଡ଼ିଆ
ସେଇଠି ରହେ ସେ ଚୋର ଗୋଡ଼ିଆ ।

ଟୁଆଁ ଟୁଇଁ କାମ [ଦାମ] ବେଗାବେଗି ଛିଣ୍ଡାଇଦେଲେ । ସେଠଉ ବାହାରିଲେ ହାଡ଼ଗାଡ଼ିଆ ଖୋଜି । ଖୋଜି ଖୋଜି ଦି ପହର ହେଲା । ଟୁଆଁ କହିଲା ଟୁଇଁ ମୁଁ ଦେଖେ କେଉଁଠି ଚିଲ ଉଡ଼ୁଛନ୍ତି । ଏତିକି-ବେଳେ କିଏ କହିଲା—ଇଁ ହିଁ ଇଁ ଇଁ ଇଁ ଇଁ ହିଁ

ନାଇଁ ନାଇଁ ନାଇଁ ନା ଆଁ ହିଁ ।

ଟୁଆଁ ଟୁଇଁ ଉପରକୁ ଅନେଇ ଦେଲେ । ଦେଖିଲେ ଯେ ଗୋଟିଏ ଚିଲ ଗଛ ଡାଳରେ ବସିଚି ଆଉ ଏମିତି କହୁଚି । ଟୁଆଁ ତାଙ୍କୁ ପଚାରିଲା—

ପାରିବୁ ଚିଲ କହିରେ
ହାଡ଼ ଗାଡ଼ିଆଟା କାହିଁରେ ।



ଚିଲ ଶୁଣିଲା । କହିଲା—ଇଁ ହିଁ ଇଁ ଇଁ ଇଁ ହିଁ । ନାଇଁ-ନାଇଁ
ନାଁ ଆଁ ହିଁ । ସେଠଉ ଥିଲା ଥିଲା ଉଡ଼ି ଚାଲିଗଲା ।

Digitized by srujanika@gmail.com

ଟୁଇଁ ତାକୁ ଡାକି ପଚାରିଲା—ଶାଂଖ ଚିଲ ଭାଇରେ
ଟିକେ ଯାଆ ରହିରେ
ଭୁକି ଯାଉ ହାଡ଼ ଗାଡ଼ିଆ
ବାଟ ଦିଏ କହିରେ ।

ଚିଲ ଶୁଣିଲା । ସେଠଉ ଚକି ମାରି ମାରି ସେଠେଇ ଟିକେ ବୁଲିଲା, ଆଉ କହିଲା—ହାଡ଼ ମାଳ ମାଳ ହାଡ଼ ଗାଡ଼ିଆ
ଆମେ ନ ପଶୁ ପାଖ
ପଚାରି ମାଉଁସ—ଖିଆ ଶାଗୁଣା
ଉଡ଼ନ୍ତି ସେଠି ଦେଖ ।

ଟୁଆଁ ଟୁଇଁ ଦେଖିଲେ ଯେ ଅଳପ ବାଟରେ ଶାଗୁଣା ଉଡ଼ୁଛନ୍ତି । ସେଇ ଆଡ଼କୁ ଗଲେ । ସେଠି ଦେଖିଲାବେଳକୁ ଏଡ଼େଡ଼େ ଏକ ଖାଲ । ତା ଭିତରେ କେତେ ଯନ୍ତୁ ମରି ପଡ଼ିଛନ୍ତି । ହାଡ଼ ଖାଲି କୁଢ଼ କୁଢ଼ । ଗୋଟାଏ ପଥର ଛାଇରେ ଦିହେଁ ବସି ପଡ଼ିଲେ । ଏତିକିବେଳେ କିଏ ଜଣେ ଖୁବ୍ ଗର୍ଜନ କରି କହିଲା—ହେଃ, ହେଃ, ହେଃ । ହେଃ ହେଃ ହେଃ ଭୁକ୍ ଭୁକ୍ ଭୁକ୍ । ଟୁଆଁ ଟୁଇଁ ବୁଲି ପଡ଼ି ଦେଖିଲାବେଳକୁ ପଥର କୋରଡ଼ ଭିତରୁ ନାଲି ନାଲି ଆଖି ଦେଖାଇ ଗୋଟାଏ ଗଧ ଗୋଡ଼ିଆ ମାଡ଼ି ଆସୁଛି । ପାଖକୁ ଆସି ପଚାରିଲା—ହେଃ ହେୟ ତୁମେ କିଏ ?

ଟୁଆଁ କହିଲା—ନାଲି ଆଖିଆରେ ଫାଳୁଆ ମୁହାଁ
ତା ନାଁ ଟୁଇଁ କି ମୋ ନାଁ ଟୁଆଁ ।
ତୁ କିଏ ବେଗେ ଦେ ବତେଇ
ଆଉ କହ ଅଛୁ କୁକୁର କାହିଁ ?

Digitized by srujanika@gmail.com

ଘୃର ଗୋଡ଼ଆ କହିଲା—ଭୋଃ ଭୋଃ ଭୋଃ ଭୋଃ ଭୋଃ
ମୋ ନାଁ କୁକୁର କ'ଣ କହ ?



ଝୁଇଁ କହିଲା—ଜୁହାର କୁକୁର ଜୁହାର ତୋତେ
ଆମ କଥା ଟିକେ ଶୁଣିବୁ ସତେ ?
କୁକୁର ପଚାରିଲା—ଭୋଃ ଭୋଃ ଭୋଃ ଭୋଃ ଭୋଃ
କି କଥା କହିବୁ ବେଗେ କହ ।
ଝୁଇଁ କହିଲା —ଭାଲୁ ବାରିହା ଆମ ଭାଙ୍ଗନ୍ତି ଘର
ଆମ କଥା ଟିକେ ବିଚାର କର ।
ନଇଲେ ମଲୁ, ନଇଲେ ମଲୁ ।

Digitized by srujanika@gmail.com

କୁକୁର କହିଲା—ହଉ ଚାଲ । ମୁଁ ଯିବି । ସମସ୍ତେ ଆସିଲେ । ସଞ୍ଜ ହେଲା । ଟୁଆଁ ଟୁଇଁ ଘର ଭିତରେ ରହିଲେ । କୁକୁର ପିଣ୍ଡାରେ ବସିଲା । ରାତି ହେଲାରୁ ବାରହା ଆସିଲେ । ଘଡ଼ି ଅଧରେ ଭାଲୁ ଗଡ଼ିଲା । କୁକୁର ତାଙ୍କ ଆସିବା ଜାଣି ଭୁକ୍ ଭୁକ କରି ଭୁକି ଉଠିଲା । ଭାଲୁ ବାରହା ଯେ ଯୁଆଡ଼େ ପଳେଇଲେ ।

ବରଷା ଦିନ ସରିଗଲା । ଏଥର ଟୁଆଁ ଟୁଇଁ ପାଚଣି ତିଆରିରେ ଲାଗିଲେ । ସକାଳୁ ଫଳ ମୂଳ ପାଇଁ ଜଙ୍ଗଲକୁ ଯାଆନ୍ତି । ଦି ପହରକୁ ଆସି କାମରେ ଲାଗନ୍ତି । ଦିନେ ଟୁଇଁ କହିଲା—ଟୁଆଁ ଚାଲ ବେଶୀ କରି ଫଳ ଆଣିବା ଯେ ଦି ଚାରିଦିନ ଖାଇବା । ସେଇଆ କଲେ । ଦିନେ ଆଣନ୍ତି । ଦି ଚାରିଦିନ ଖାଆନ୍ତି । ପାଚଣି କାମରେ ଲାଗନ୍ତି ।

ଦିନେ ସଞ୍ଜ ହେଉଛି । ଜହ୍ନ ପଡ଼ୁଛି । ଶୀତ ଟିକିଏ ଟିକିଏ ପକେଇଛି । ଟୁଆଁ ଟୁଇଁ ଘର ଭିତରେ ବସିଛନ୍ତି । ବଣତଗରି ଫୁଲରେ ଥାନ ମହକୁଛି । ଟୁଆଁ କହିଲା, ଟୁଇଁ, ଗୋଟିଏ ଗୀତ ଗାଇଲୁ ।

ଟୁଇଁ ଗୀତ ଗାଇବ ବୋଲି ଆଁ ମେଲା କରିଛି ଘର ଭିତରୁ କିରି କିରି କରି କିଏ ହସି ଉଠିଲା । ଟୁଆଁ ଟୁଇଁ ଚମକି ପଡ଼ିଲେ । ଟୁଆଁ କିଏ କିଏ ବୋଲି ପାଟିକଲା । ହସି ହସି କିଏ ଯେମିତି ଚାଳ ଉପରକୁ ଦଉଡ଼ି ଯାଉଛି ଏମିତି ଶୁଭିଲା । ଟୁଆଁ ଟୁଇଁ କିଛି ବୁଝି ପାରିଲେ ନାହିଁ । ସକାଳୁ ଦେଖିଲାବେଳକୁ ତାଙ୍କ ଫଳ ମୂଳ କିଏ ଖାଇଯାଇଛି । ଖାଲି ଖଣ୍ଡିଆ ହୋଇ ସବୁ ପଡ଼ିଛି । ଟୁଆଁ ଟୁଇଁ ତାକୁ ସବୁ ଫୋପାଡ଼ି ଦେଲେ । ଫେର୍ ଆଉ ଆଣି ରଖିଲେ । ଫେର୍ ସେମିତି କିଏ ଖାଇଗଲା ।

Digitized by srujanika@gmail.com

ସେଠଉ ଦନେ ବସି ସଞ୍ଜବେଳେ ବିଚାର କଲେ ଯେ ଘର ଛାଡ଼ି ପଳାଇବେ । ଏତିକିବେଳେ ଆସିଲା ପେଚା । ଚାଳ ଉପରେ ବସି ହସିଲା ।

ଟୁଆଁ ପଚାରିଲା—କରେ ପେଚା କାହିଁକ ହସୁଚୁ ?

ପେଚା କହିଲା-- ତମ ବିଚାର ଶୁଣି ।

ଟୁଇଁ କହିଲା—ଆମର ଯାହା ବିଚାର ହେଲା ତୋ'ର କ'ଣ ଅଛି ? ବୁଢ଼ା ପେଚା; ଆମେ ହଇରାଣ ହେଉଚୁ ନା ଇଆର ହସ ଉଛୁଳୁଚି ।

ପେଚା ହସି ହସି ଉଡ଼ିଗଲା । କହିଲା—

ଓଲୁ ମଣିଷ ଏ ଜାଣୁନ କିଛି
ରାତି ହେଲେ ନାଚ କରୁଚି ମୂଷୀ ।



ଟୁଇଁ ଶୋଇପଡ଼ିଲା । ଟୁଆଁକୁ ନିଦ ନାହିଁ । ଏତିକିବେଳେ ପେଚାର ପିଲାଏ ପଚାରିଲେ—ବୁଢ଼ା କ'ଣ କଥା ?

ପେଚା କହିଲା—ଟୁଆଁ ଟୁଇଁ ଘର ଛାଡ଼ି ପଳାଇବେ । ପିଲାଏ ପଚାରିଲେ—କାହିଁକି ?

Digitized by srujanika@gmail.com

ପେଚା କହିଲା—ମୂଷା ତାଙ୍କର ସବୁ ଖାଇଯାଉଛନ୍ତି ।

ପେଚା ପିଲାଏ କହିଲେ—ଆହା ! ଆଚ୍ଛା ବୁଢ଼ା, କ'ଣ କଲେ ମୂଷା ପଳାଇବେ ?

ପେଚା କହିଲା—ଗାଈଆ ଚାଲୁଆ ଯେତେ ମୂଷି
ତାଙ୍କ କଥା ଜାଣେ ବାଘ ମାଉସୀ ।

ଝୁଆଁ ଶୁଣିଲା । ତାକୁ ନିଦ ହୋଇଗଲା । ସକାଳ ହେଲା । କାଉ ଆସି ଡାକିଲା । ଚଢ଼େଇମାନେ ପଚାରିଲେ—କେମିତି ଅଛ ଝୁଆଁ ଲୋ ଝୁଇଁ ?

ଝୁଆଁ ଝୁଇଁ କହିଲେ—ଶୁଣ ଭଉଣୀ, କ୍ଷଣରେ ଥାଅ । ଚଢ଼େଇମାନେ ଅଟକିଲେ । ଝୁଆଁ ପଚାରିଲା—ବାଘ ମାଉସୀ କେଉଁଠି ରହେ ଜାଣ ?

ଚଢ଼େଇମାନେ କହିଲେ—କେଁ କାଁ ଚେଁ ଗୁଁ
ବୁଡ଼ଇ ସୂରୁଜ ଯୁଆଡେ ଚାହାଁ
ଯିବୁ ସେଇ ଆଡେ ନାକ ସଳଖା
ମାଛ ଗାଡ଼ିଆ ଟି ହବ ତା ଦେଖା ।

ଝୁଆଁ ଝୁଇଁ କାମ ପାଇଛି ବେଗା ବେଗି ଛୁଣ୍ଡାଇ ଟେକାଇଲେ । ବାହାରିଲେ ମାଛ ଗାଡ଼ିଆ ଖୋଜି । ଖୋଜି ଖୋଜି ଦି ପହର ହେଲା । ଗଛରେ ବସି ଝୁଆଁ ଦେଖିଲା ଯେ, ଅଳପ ବାଟରେ ଚିଲ ଉଡୁଛନ୍ତି । ସେଇଠିକି ଗଲେ । ଦେଖିଲାବେଳକୁ ଗୋଟାଏ ବଡ଼ ପୋଖରୀ । ତା

Digitized by srujanika@gmail.com

ଚାରପଟେ ଗଛ । ପୋଖରୀରେ କୋଉଠି ହଂସ ପହଁରୁଚ ତ କୋଉଠି ବଗ ଟହଲୁଚ । କୋଉଠି ଚଲ ଉଡ଼ୁଚ ତ କୋଉଠି ପାଣିକୁଆ ବୁଡ଼ୁଚ ।



ଆଉ ବାଘ ମାଉସୀ କାହିଁ ? ଟୁଆଁ ଟୁଇଁ ଛାଇରେ ବସିବେ ବୋଲି ଗୋଟିଏ ଗଛ ମୂଳକୁ ଗଲେ । ଗଛ ମୂଳରେ ହେଉଛନ୍ତି ଟୁଇଁ ଗୃଉଁକରି ଚମକି ପଡ଼ିଲା । କହିଲା—ଟୁଆଁ, ଆମେ କୋଉଠିକି ଅଇଲେ ?

ଟୁଆଁ କହିଲା—କାହିଁକି ?

ଟୁଇଁ କହିଲା—ଦେଖିଲୁଣି, ବାଘପିଲା କେମିତ ଠିମା ଠିମା ଆଖି କାଢ଼ି ଅନେଇଚ । ଟୁଆଁ ଉଠିଗଲା ।

ଏତିକିବେଳେ ଠିମା ଆଖିଆ କଅଁଳେଇ କରି ପଚାରିଲା—କିଏ ତମେ ? କାହାକୁ ଖୋଜୁଚ ?

Digitized by srujanika@gmail.com

ଏଥର ଝୁଅଁର ସାହସ ହୋଇଗଲା । ସେ ପଚାରିଲା--

ମେଇଁ ମେଇଁ ତୁମ୍ଭ ଢିମେଇ ଆଖି
ବାଘ ମାଉସୀକୁ ଅଛୁକି ଦେଖି ?

ଢିମା ଆଖିଆ ଝୁଅଁ କଥା ଶୁଣି ମୁହଁ ବୁଲେଇ ଦେଲା ।

ଝୁଇଁ କହିଲା—ଚକା ଚକା ଆଖି କଅଁଳ କାନ୍ଧ
ଦେଖିଚୁ କି ବାଘ ମାଉସୀ କାନ୍ଧ ?

ଢିମା ଆଖିଆ ଝୁଇଁ କଥା ଶୁଣି ଅନେଇଲା । କହିଲା—ମିଉଁ ମିଉଁ

ବାଘ ମାଉସୀ ମୁଁ ଲୋ ମୁଁ
ତୁ କିଏ କହ, ସେ କିଏ କହ ।

Digitized by srujanika@gmail.com

ଟୁଇଁ କହିଲା—ତା ନାଆଁ ଟୁଆଁ କୁ ମୋ ନାଆଁ ଟୁଇଁ
ତୋ ନାଆଁ ଶୁଣି ଆସିଚୁ ଧାଇଁ ।
ମୂଷା ଆମ ଘରେ କରନ୍ତି ନାଟ
ବାଘ ମାଉସୀ ଲୋ ବତାଉ ବାଟ ।
ନଇଲେ ମଲୁ, ନଇଲେ ମଲୁ ।

ବାଘ ମାଉସୀ କହିଲା—ବାଘ ମାଉସୀ ମୁଁ ନାଆଁ ବଳେଇ
ଦେଖି ମୋତେ ମୂଷା ଯିବେ ପଳେଇ ।
ଘର ଠିକ ତମ ନେଇ ଚାଲ, ନେଇ ଚାଲ ।

ସମସ୍ତେ ଆସିଲେ । ବାଟରୁ ଟୁଆଁ ଟୁଇଁ କିଛିଫଳ ମୂଳ ଧରିଲେ । ଘରେ ପହଞ୍ଚିଲାବେଳକୁ ସଞ୍ଜ । ଟୁଆଁ ଟୁଇଁ ଶୋଇପଡ଼ିଲେ । ଯୋଉଠି ଫଳ ଥୁଆ ହୋଇଥିଲା, ବଳେଇ ସେଇଠି ଶୋଇଲା । ମୂଷାଯାକ ଖୁବ୍ ହସି ହସି ଓହ୍ଲେଇ ଆସିଲେ । ବଳେଇ ତା କାମ କଲା । ସକାଳୁ ଦେଖିଲାବେଳକୁ ଫଳଯାକ ସେମିତି ଥୁଆ ହୋଇଚି । ଏଥର ଟୁଆଁ ଟୁଇଁ ମନ ଖୁସିରେ ପାଚିର କାମରେ ଲାଗିଗଲେ । କିଛିଦିନରେ ସେ କାମ ସରିଗଲା ।

ଦିନେ ସକାଳୁ ଟୁଆଁ ଟୁଇଁଙ୍କର ନିଦ ଭାଙ୍ଗିଗଲା । ଶୁଣିଲେ ଯେ, କିଏ ଜଣେ ଡାକୁଚି—ଏ ଘରେ କିଏ ରେ କିଏ ?
ଏ ଘରେ କିଏ ରେ କିଏ ?

ଦେଖିଲାବେଳକୁ ସୁନ୍ଦର ଚଢ଼େଇଟିଏ ଡାକୁଚି । ଟୁଇଁ କହିଲା—ଆହା, କେଡ଼େ ସୁନ୍ଦର ହୋଇଚ । ଆମ ଘରେ ରହନ୍ତା କି ।

ଟୁଆଁ କହିଲା—ପଚାର ।

ଟୁଇଁ ପଚାରିଲା—ନାଲି ନାଲି ଚୂଳ ନାଲି କୁଣ୍ଡଳ
ନାକରେ ଖଞ୍ଜିଚୁ ରଙ୍ଗିନ ପର
ତୁ କିଏ କହ, ତୁ କିଏ କହ ।

Digitized by srujanika@gmail.com

ଚଢ଼େଇ କହିଲା—ମୋ ନାଆଁ କୁକୁଡ଼ା କକ୍‌କକ
କରୁଚୁ ବଢ଼ିଆ ଘର ଖଣ୍ଡକ ।
ଝିଂଆଁ ପଚାରିଲା—ତୋ କାମ କ'ଣ ?



କୁକୁଡ଼ା କହିଲା—ରାତି ପାହୁଁ ଡାକେ କକ୍‌କକ
ଉଠନ୍ତି ସଭିଏଁ ଶୁଣି ମୋ ଡାକ।
ଝିଂଆଁ ପଚାରିଲା—ତୁ ଆମ ଘରେ ରହିବୁ ?

Digitized by srujanika@gmail.com

କୁକୁଡ଼ା କହିଲା—ନାହିଁ ନାହିଁ ନାହିଁ କକ୍‌କକ
ରଖିବୁ କୁକୁର ମୋଡ଼ବ ବେକ ।
ମାଡ଼େ ଡର, ମାଡ଼େ ଡର ।
ଟୁଇଁ କହିଲା—ମୁଁ କୁକୁରକୁ କହିଦେବି ସେ କିଛି କରିବ ନାହିଁ ।
କୁକୁଡ଼ା କହିଲା—କକ୍‌କକ ।
ତେବେ ମୁଁ ରହିବି ହି, ହି, ହି
ହବ ଭଲ, ହବ ଭଲ ।

ଏଥର ଟୁଆଁ ଟୁଇଁଙ୍କର ମଉଜ ।

ଦିନେ ଖୁବ୍ ଗରମ ହେଉଥାଏ । ଟୁଆଁ ଟୁଇଁ ବସି ଘର ଭିତରେ ଗପସପ ହେଉଛନ୍ତି । ଟୁଆଁ କହିଲା—ଟୁଇଁ ଲୋ, ଖୁବ ଗରମ ହେଉଚି । ଟୁଇଁ ଜବାବ ଦେବବୋଲି ଆଁ ମେଲା କରୁଚି, ଏତିକିବେଳେ କିଏ କହିଲା—ଠିକ୍ ଠିକ୍ ଠିକ୍ ଠିକ୍ ଠିକ୍ । ଟୁଆଁ ଟୁଇଁ ଏଣେତେଣେ ଅନାଇଲେ—କାହିଁରେ କିଏ ?

ଟୁଆଁ କହିଲା—ଟୁଇଁ ଆଜିର ଫଳଗଛ ଲଗାଇବା । ଟୁଇଁ ଜବାବ ଦେବବୋଲି ଆଁ ମେଲା କରୁଚି; ଫେର୍ ସେମିତି କିଏ କହିଲା—ଠିକ୍ ଠିକ୍ ଠିକ୍ ଠିକ୍ ଠିକ୍ । ଫେର୍ ଦିହେଁ ଏଣେତେଣେ ଅନାଇଲେ । କିଛି ବୁଝି ପାରିଲେ ନାହିଁ ।

ଟୁଆଁ କହିଲା—ଟୁଇଁ ତୋ ପାଇଁ ବାସନା ଫୁଲଗଛ ଲଗାଇବା । ଟୁଇଁ କ'ଣ କହିବ ବୋଲି ଆଁ ମେଲା କରିଚି, ଫେର ଶୁଭିଲା—ଠିକ୍ ଠିକ୍ ଠିକ୍ ଠିକ୍ ଠିକ୍ । ଦିହେଁଯାକ ଘର ଭିତରେ ଖୋଜିଲେ । ଦେଖିଲାବେଳକୁ କବାଟ କଣରେ କାନ୍ଥ ଦିହରେ 'ଠିକ୍ ଠିକ୍ କହିଲାବାଲି' ବସିଚି ।

Digitized by srujanika@gmail.com

ଝୁଆଁ ପଚାରିଲା—ତୁ କିଏରେ ? ଆମକୁ ନ କହି ଆମ ଘରେ କେମିତି ପଶିଲୁ ?

ସେ କହିଲା—ଠିକ୍ ଠିକ୍ ଠିକ୍ ଠୀକ୍ ଠିକ୍
ମୋ ନାଁଟି ଝିଟିପିଟି ।



ଝୁଆଁ ପଚାରିଲା—ତୋ କାମ କ'ଣ ?
ଝିଟିପିଟି କହିଲା—ପୋକ ଜୋକ ଗିଳେ ଟକ୍ ଟାକ୍
କହେ କଥା ସବୁ ଠିକ୍ ଠାକ୍ ।

ଝୁଇଁ କହିଲା—ତୁ ତେବେ ଆମ ଘରେ ରହି ।
ଝିଟିପିଟି କହିଲା—ଠିକ୍ ଠିକ୍ ଠିକ୍ ଠୀକ୍ ଠିକ୍
ଯାହା ତୁ କହିଲୁ ହେବ ଠିକ୍ ।

ଏତିକିବେଳେ ମୁଁ ଯାଇ ପହଞ୍ଚିଗଲି । ପାଚିରି ଦୁଆରେ ଥାଇ କହିଲି—
ଝୁଆଁ ଲୋ ଝୁଇଁ
ଥାନ ଟିକେ ଦବ ରହିବା ପାଇଁ ?

Digitized by srujanika@gmail.com

ଟୁଇଁ ଟୁଆଁ ମୁହଁକୁ ଚାହିଁଲା, ଟୁଆଁ ଟୁଇଁ ମୁହଁକୁ ଚାହିଁଲା । ସେଠଉ ସେମାନେ କ'ଣ କୁହାକୋହି ହେଲେ କେଜାଣି ଝିଟ୍ ପିଟ୍ କହିଲା—ଠିକ୍ ଠିକ୍ ଠିକ୍ ଠୀକ୍ ଠିକ୍

ତଡ଼ ତାକୁ କହି ଛକ୍ ଛକ୍ ।

ଦେଖୁ ଦେଖୁ ପାଚର କବାଟ ବନ୍ଦ ହୋଇଗଲା । ମୁଁ ମୁହଁ ଟୁଙ୍କେଇ ଚାଲି ଆସିଲି ।

ମୁଦ୍ରାକର—ଶ୍ରୀ ଦିବାକର ମିଶ୍ର, ଗୋସ୍ୱାମୀ ପ୍ରେସ, କଟକ—୨

Digitized by srujanika@gmail.com